## ଆଜି ଅନୁଗୋଳ ଜିଲ୍ଲାରୁ ୧୪୧ ଜଣ କରୋନା ପଜିଟିଭ ଚିହ୍ନଟ -

### ପଜିଟିଭ ସଂଖ୍ୟା ୭୪୬୫ ରେ ପହଞ୍ଚିଲା - ସୁସ୍ଥ ହେଲେ ୨୧୫ଜଣ ।

ଅନୁଗୋଳ, ତା,୧୮.୧୦:- ଆଜି ଅନୁଗୋଳ ଜିଲ୍ଲାରୁ ଗୋଟିଏ ଦିନରେ ୧୪୧ ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଜିଲ୍ଲା ମଧ୍ୟରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତମାନଂକ ମଧ୍ୟରେ ବଅଁରପାଳ ବ୍ଲକ୍ ଅଂଚଳରୁ ୩୯ ଜଣ(୨୫ ଜଣ ପୁରୁଷ ଓ ୧୪ଜଣ ମହିଳା), ତାଳଚେର ବ୍ଲକ୍ ଅଂଚଳରୁ ୨୦ ଜଣ ( ୧୪ଜଣ ପୁରୁଷ ଓ ୬ଜଣ ମହିଳା), ପାଲଲହଡା ବ୍ଲକ୍ ଅଂଚଳରୁ୧୪ ଜଣ ( ୧୨ଜଣ ପୁରୁଷ ଓ ୨ଜଣ ମହିଳା), ଛେଣ୍ଡିପଦା ବ୍ଲକ୍ ଅଂଚଳରୁ ୧୨ ଜଣ ( ୧୦ଜଣ ପୁରୁଷ ଓ୨ ଜଣ ମହିଳା), ଅନୁଗୋଳ ପୌରାଞ୍ଚଳରୁ ୧୧ ଜଣ (୮ ଜଣ ପୁରୁଷ ଓ ୩ଜଣ ମହିଳା), ତାଳଚେର ପୌରାଞ୍ଚଳରୁ ୧୦ ଜଣ ( ୬ଜଣ ପୁରୁଷ ଓ ୪ଜଣ ମହିଳା), ଆଠମଲ୍ଲିକ ବିଜ୍ଞାପିତ ଅଂଚଳ ପରିଷଦରୁ ୯ ଜଣ ( ୬ଜଣ ପୁରୁଷ ଓ ୩ଜଣ ମହିଳା), ଅନୁଗୋଳ ବ୍ଲକ୍ ଅଂଚଳରୁ ୮ ଜଣ ( ୫ଜଣ ପୁରୁଷ ଓ ୩ଜଣ ମହିଳା), କଣିହାଁ ବ୍ଲକ୍ ଅଂଚଳରୁ ୮ ଜଣ (୫ଜଣ ପୁରୁଷ ଓ ୩ଜଣ ମହିଳା), କିଶୋରନଗର ବ୍ଲକ୍ ଅଂଚଳରୁ ୮ଜଣ (୫ଜଣ ପୁରୁଷ ଓ ୩ଜଣ ମହିଳା) ଓ ଆଠମଲ୍ଲିକ ବ୍ଲକ୍ ଅଂଚଳରୁ ୨ ଜଣ ( ୨ଜଣ ପୁରୁଷ) ଅଛନ୍ତି । ସମସ୍ତେ ଅନ୍ୟ ଆକ୍ରାନ୍ତଂକ ସଂସ୍ପର୍ଶରେ ଆସି ପଜିଟିଭ ହୋଇଥିବାର ଜଣାପଡିଛି । ସମସ୍ତ ଲକ୍ଷଣଯୁକ୍ତ ଆକ୍ରାନ୍ତମାନଂକୁ କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଉଥିବା ବେଳେ ସ୍ୱଳ୍ପ ଲକ୍ଷଣଯୁକ୍ତ ଓ ଲକ୍ଷଣ ବିହିନ ଆକ୍ରାନ୍ତମାନଂକୁ ନିଜ ଘରେ Isolation ରେ ରଖାଯାଇ ନିରିକ୍ଷଣ କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି । ଆଜି ଅନୁଗୋଳ ଜିଲ୍ଲାରୁ ୨୧୫ ଜଣ ସୁସ୍ଥ ହୋଇଛନ୍ତି । ସେମାନଂକ ମଧ୍ୟରେ ୧୦ଜଣ କୋଭିଡ ହସପିଟାଲରୁ, ୨ ଜଣ କୋଭିଡ କେୟାର ସେଣ୍ଟରରୁ ଓ ୨୦୩ ଜଣ ହୋମ Isolation ରୁ ସୁସ୍ଥ ହୋଇଛନ୍ତି ।